# NATIONAL NEWS BULLETIN (ODIA)

**5 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୁରତ୍ ଓ ଦମନ ଗସ୍ତରେ ଯାଇ ଆଜି ୨୧ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

- ଭାରତର ଶହେତମ ରାମ୍‌ସା ସ୍ଥଳୀ ଭାବେ ଉତ୍ତରପ୍ରଦେଶର ଜୟପ୍ରକାଶ ନାରାୟଣ ପକ୍ଷୀ ଅଭୟାରଣ୍ୟକୁ ମିଳିଲା ମାନ୍ୟତା

- ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କଲା ରିଜର୍ଭବ୍ୟାଙ୍କ

– ରେପୋ ହାର ୫ ଦଶମିକ ୨/୫ ପ୍ରତଶତରେ ଅପରିବର୍ତ୍ତିତ

- ୬୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଆସନ୍ତା ୨୩ ତାରିଖରେ ପଦ୍ମ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

ଏବଂ

- ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶକୁ ସୁରକ୍ଷାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

## ପିଏମ୍-ସୁରଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ସୁରଟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦମନ ଗସ୍ତରେ ଯାଇ ୨୧ ହଜାର ୭୭୦ କୋଟି ଟଙ୍କାରୁ ଅଧିକ

ବ୍ୟୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିବେ। ଶ୍ରୀ ମୋଦୀ ପ୍ରଥମେ ହାଜିରା ଗସ୍ତ କରି  ଶିଳ୍ପ ଓ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିବା ପରେ ଏକ  ଜନସମାବେଶକୁ ଉଦ୍‌ବୋଧନ ଦେବେ। ଦମନରେ ପହଞ୍ଚି ପ୍ରଧାନମନ୍ତ୍ରୀ ନମୋ ବିମାନବନ୍ଦରର ନୂତନ ଟର୍ମିନାଲ କୋଠା ଓ ଅତ୍ୟାଧୁନିକ ନମୋ ହସ୍ପିଟାଲର ଉଦ୍‌ଘାଟନ କରିବେ। ଏହାସହ ପ୍ରଧାନମନ୍ତ୍ରୀ ଆଇକନିକ ବ୍ରିଜ୍, ଦମନ ସମ୍ମେଳନ କେନ୍ଦ୍ର ଏବଂ ନିଫ୍ଟ କ୍ୟାମ୍ପସର ଶିଳାନ୍ୟାସ କରିବେ। ଲାକ୍ଷାଦ୍ୱୀପରେ ସାମୁଦ୍ରିକ ବିକାଶ ନିମନ୍ତେ ୮୮୫ କୋଟି ଟଙ୍କାର ବନ୍ଦର ପ୍ରକଳ୍ପର ମଧ୍ୟ ଶ୍ରୀ ମୋଦୀ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପ ଦ୍ୱାରା କାଲପେନି ଓ କଦମତ ଦ୍ୱୀପରେ ବହୁମୁଖୀ ଜେଟି ନିର୍ମାଣ ଦ୍ୱାରା ବୃହତ ଯାତ୍ରୀ ଓ କ୍ରୁଜ୍ ଜାହାଜର ଯାତାୟାତ ସୁବିଧା ସମ୍ଭବ ହୋଇପାରିବ ।

## ପିଏମ୍-ବାର୍ଡ ସାନ୍‌ଚୁଆରୀ

ଉତ୍ତରପ୍ରଦେଶର ବାଲିଆସ୍ଥିତ ଜୟପ୍ରକାଶ ନାରାୟଣ ପକ୍ଷୀ ଅଭୟାରଣ୍ୟକୁ ଭାରତର ଶହେତମ ରାମସାର ସ୍ଥଳୀ ଭାବେ ମାନ୍ୟତା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ସଫଳତା ନେଇ ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ଦେଶର ପ୍ରାକୃତିକ ପରିବେଶ ଓ ଆର୍ଦ୍ରଭୂମି ସଂରକ୍ଷଣ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତା  ପ୍ରତିଫଳିତ ହୋଇଛି। ବୈଜ୍ଞାନିକ ପଦ୍ଧତି, ନବସୃଜନ, ଜନସଚେତନତା ଓ ଜନଭାଗିଦାରୀ ମାଧ୍ୟମରେ ଆର୍ଦ୍ରଭୂମି ସଂରକ୍ଷଣକୁ ସୁଦୃଢ଼ କରାଯାଉଥିବା ସେ କହିଛନ୍ତି।

# କର୍ଣ୍ଣାଟକ-ମିନିଷ୍ଟର

କର୍ଣ୍ଣାଟକରେ ଜଳସମ୍ପଦ ମନ୍ତ୍ରୀ ରାମଲିଙ୍ଗାରେଡ୍ଡି ଦାୟିତ୍ୱ ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ କରି ମନ୍ତ୍ରୀପଦରୁ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି, ବେଙ୍ଗାଲୁରୁ ବିକାଶ ବିଭାଗ ଦିଆଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ମିଳିଥିଲା। ତେବେ ମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାର ଏହି ବିବାଦର ସମାଧାନ କରାଯିବ ବୋଲି କହିଛନ୍ତି।

# ଆରବିଆଇ

ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା କରି ରେପୋ ହାରକୁ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ମୁଦ୍ରାନୀତି କମିଟି ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନେଇଛି। ସ୍ଥାୟୀ ଜମା ସୁବିଧା ହାର ୫ ପ୍ରତିଶତ ଏବଂ ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି ହାର ଓ ବ୍ୟାଙ୍କ ହାର ୫ ଦଶମିକ ୫ ପ୍ରତିଶତରେ ବଳବତ୍ତର ରହିଛି। ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ୬ ଦଶମିକ ୯ ପ୍ରତିଶତରୁ ୬ ଦଶମିକ ୬ ପ୍ରତିଶତକୁ ହ୍ରାସ କରିଛି । ଅନ୍ୟପକ୍ଷରେ ମୁଦ୍ରାସ୍ଫୀତି ଆକଳନକୁ ୪ ଦଶମିକ ୬ ପ୍ରତିଶତରୁ ୫ ଦଶମିକ ୧ ପ୍ରତିଶତକୁ ବୃଦ୍ଧି କରାଯାଇଛି।

ଏହି ନିଷ୍ପତ୍ତିକୁ ସ୍ୱାଗତ କରି ଶିଳ୍ପ ସଂଗଠନ-ଆସୋଚାମ କହିଛି ଯେ, ରେପୋ ହାର ଅପରିବର୍ତ୍ତିତ ରହିବା ଅଭିବୃଦ୍ଧି ଏବଂ ବ୍ୟବସାୟିକ ମନୋଭାବକୁ ସୁଦୃଢ଼ କରିବ। ଆସୋଚାମର ମହାସଚିବ ସୌରଭ

ସାନ୍ୟାଲ କହିଛନ୍ତି, ଏହା ଅର୍ଥନୈତିକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳିତ ଦୃଷ୍ଟିଭଙ୍ଗୀକୁ ପ୍ରତିଫଳିତ କରୁଛି।

---

## ସେଣ୍ଟର-ଫରେନ୍ ଇନ୍‌ଭେଷ୍ଟର୍ସ

ବିଦେଶୀ ପୁଞ୍ଜି ନିବେଶକଙ୍କ ପାଇଁ କେନ୍ଦ୍ର ସରକାର ସରକାରୀ ନିବେଶରୁ ମିଳୁଥିବା ପୁଞ୍ଜି ଲାଭ ଓ ସୁଧ ଆୟ ଉପରେ ଟିକସ ଛାଡ଼ ଘୋଷଣା କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ  ଏହି ବ୍ୟବସ୍ଥା ଚଳିତ ବର୍ଷ ଏପ୍ରିଲ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହାଦ୍ୱାରା  ଦୀର୍ଘମିଆଦି ବିଦେଶୀ ପୁଞ୍ଜି ପ୍ରବାହ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ।

---

## ସିବିଏସ୍‌ଇ

ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଫଳାଫଳ ପରବର୍ତ୍ତୀ ଅଭିଯୋଗ ନିରାକରଣ ପ୍ରକ୍ରିୟାରେ ୭୦ ହଜାରରୁ ଅଧିକ ଆବେଦନ ମିଳିଛି । ଏଥିରେ ୭ ହଜାର ୩୧୪ଟି ମାର୍କ ଯାଞ୍ଚ ଏବଂ ୬୩ ହଜାରରୁ ଅଧିକ ପୁନଃମୂଲ୍ୟାୟନ ଆବେଦନ ସାମିଲ ରହିଛି। ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥାକୁ ନେଇ ସମାଲୋଚନା ହେବା ପରେ  ଏହାର କାର୍ଯ୍ୟକାରିତା ନେଇ କେନ୍ଦ୍ର ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

---

## ପ୍ରେଜ୍-ପଦ୍ମ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୨୩ ତାରିଖରେ ଦ୍ୱିତୀୟ ବେସାମରିକ ସମ୍ମାନ ସମାରୋହରେ ଚଳିତବର୍ଷ ପାଇଁ ୬୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିବେ। ଚଳିତ ବର୍ଷ ମୋଟ ୧୩୧ଟି ପଦ୍ମ ପୁରସ୍କାର ପ୍ରଦାନ ପାଇଁ ଅନୁମୋଦନ ମିଳିଛି। ଏଥିରେ ୫ଟି ପଦ୍ମ ବିଭୂଷଣ, ୧୩ଟି ପଦ୍ମ ଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି।

ପ୍ରଥମ ବେସାମରିକ ସମ୍ମାନ ପ୍ରଦାନ ସମାରୋହରେ ଗତମାସରେ ରାଷ୍ଟ୍ରପତି ୬୬ ଜଣ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ ।

## ମାଇଁ ଭାରତ

ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଆସନ୍ତାକାଲି ' ବିକଶିତ ଭାରତ ପାଇଁ ଯୁବପିଢ଼ି - ମାଇଁ ଭାରତ ୟୁଥ କନଭେନସନ' ଅନୁଷ୍ଠିତ ହେବ। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମେରା ଯୁବା ଭାରତ' ପକ୍ଷରୁ ଏହି ସମ୍ମିଳନୀର ଆୟୋଜନ କରାଯାଉଛି। ଦେଶର ବିଭିନ୍ନ ପ୍ରାନ୍ତରୁ ୬ ହଜାରରୁ ଅଧିକ ଯୁବ ପ୍ରତିନିଧି ଏଥିରେ ଯୋଗଦେବେ।

## ଇ-ଗଭର୍ଣ୍ଣାନ୍ସ ନ୍ୟାସନାଲ ଆୱ୍ୱାର୍ଡସ

୨୯ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ-୨୦୨୬ ପୁରସ୍କାର ଘୋଷଣା କରାଯାଇଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ କହିଛି, ୭ଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଇ-ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ତଥା ପ୍ରତିଷ୍ଠାନଗୁଡ଼ିକୁ ୧୭ଟି ପୁରସ୍କାର ପ୍ରଦାନ କରାଯିବ। ସେଥିମଧ୍ୟରେ ୧୦ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ଗୋଟିଏ ଜୁରି ପୁରସ୍କାର ଅନ୍ତର୍ଭୁକ୍ତ। ଦେଶବ୍ୟାପୀ ଇ-ପ୍ରଶାସନ ପଦକ୍ଷେପର ସଫଳ କାର୍ଯ୍ୟାନ୍ୱୟନରେ ସ୍ୱୀକୃତି ଏବଂ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ କହିଛି। ରାଜସ୍ଥାନର ଜୟପୁରଠାରେ ଆୟୋଜିତ ହେବାକୁ ଥିବା ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ।

## ଇଏସ୍ଆଇସି

କର୍ମଚାରୀ ରାଜ୍ୟ ବୀମା ନିଗମ - ଇଏସ୍ଆଇସି ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବୀମାଭୁକ୍ତ କର୍ମଚାରୀଙ୍କ ସନ୍ତାନ କୋଟାରେ ଏମବିବିଏସ୍, ବିଡିଏସ୍ ଓ ବିଏସ୍ସି ନର୍ସିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଆହ୍ୱାନ କରାଯାଇଛି। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି କୋଟାରେ ମୋଟ ୭୮୩ଟି ଆସନ ସଂରକ୍ଷିତ ରହିଛି। ଦେଶର ୨୨ଟି ମେଡ଼ିକାଲ, ଡେଣ୍ଟାଲ୍ ଏବଂ ନର୍ସିଂ ପ୍ରତିଷ୍ଠାନରେ ୬୯୫ଟି ଏମବିବିଏସ୍, ୨୮ଟି ବିଡିଏସ୍ ଓ ୬୦ଟି ବିଏସ୍ସି ନର୍ସିଂ ଆସନ ରହିଛି। ଏହିସବୁ ଆସନରେ କେନ୍ଦ୍ରୀୟ କାଉନସେଲିଂ ପ୍ରକ୍ରିୟା ମାଧ୍ୟମରେ ନାମଲେଖା ଯିବ ।

---

## ବିହାର ଏଚ୍ସି-

ବିହାରର ପାଟନା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ମୀନାକ୍ଷୀ ମଦନ ରାୟ ଆଜି ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ ସୟଦ ଅତା ହସନୈନ ପାଟନାର ଲୋକ ଭବନରେ ଆୟୋଜିତ ସମାରୋହରେ ଜଷ୍ଟିସ୍ ରାୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

---

## ଜୟଶଙ୍କର-ୟୁକେ

ଭାରତ-ବ୍ରିଟେନ୍ ଦୃଷ୍ଟିକୋଣ ୨୦୩୫ ସମୀକ୍ଷା କରିବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ ପ୍ରଥମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଏବଂ ବ୍ରିଟେନ୍ର ବୈଦେଶିକ ସଚିବ ୟେଭେଟ୍ କୁପର ବୈଠକରେ ଯୋଗଦେଇଥିଲେ । ଉଭୟ ନେତା

ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ, ପ୍ରତିରକ୍ଷା ଏବଂ ସୁରକ୍ଷା, ଜଳବାୟୁ ଏବଂ ସ୍ୱଚ୍ଛ ଶକ୍ତି ଓ ଶିକ୍ଷା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ।

## ପଞ୍ଜାବ

ପଞ୍ଜାବ ରାଜ୍ୟ ମହିଳା ଆୟୋଗ ଲୁଧିଆନାରୁ ୯ ଜଣ ବାଳିକା ନିଖୋଜ ଘଟଣାର ନିଜଆଡୁ ତଦନ୍ତ ଆରମ୍ଭ କରିଛି । ଆୟୋଗର ଅଧ୍ୟକ୍ଷା ରାଜ ଲାଲି ଗିଲ୍' ଲୁଧିଆନା ପୋଲିସ କମିଶନରଙ୍କୁ ଆସନ୍ତା ୮ ତାରିଖ ସୁଦ୍ଧା ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗତମାସରେ ଲୁଧିଆନାରୁ ୯ ଜଣ ବାଳିକା ନିଖୋଜ ହୋଇଥିଲେ ।

## ଆମେରିକା-ଇରାନ

ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ପ୍ରସଙ୍ଗକୁ ନେଇ କୂଟନୈତିକ ଆଲୋଚନା ଜାରି ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନକୁ କୌଣସି ପରିସ୍ଥିତିରେ ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ। ଶ୍ରୀ ଟ୍ରମ୍ପ କହିଛନ୍ତି, ପରମାଣୁ ନିରସ୍ତ୍ରିକରଣ ନେଇ ଆମେରିକା ଗୁରୁତ୍ୱ ପ୍ରଦାନ କରୁଛି ଏବଂ ଉଭୟ ଦେଶ ମଧ୍ୟରେ କୌଣସି ପ୍ରକାରର ଚୁକ୍ତି ଏହା ଉପରେ ନିର୍ଭର କରିବ ।

ଅନ୍ୟପକ୍ଷରେ ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏବଂ ରିପବ୍ଲିକାନ ନେତାମାନେ କହିଛନ୍ତି, ଚୀନ୍ ଉପରେ ଆର୍ଥିକ ନିର୍ଭରଶୀଳତା ହ୍ରାସ କରିବାରେ ଆମେରିକା ଉଲ୍ଲେଖନୀୟ ପ୍ରଗତି କରିଛି । ଚୀନ୍ ସହ ବାଣିଜ୍ୟ ନିଅଣ୍ଟ ଗତବର୍ଷ ୩୨ ପ୍ରତିଶତ ହ୍ରାସ ପାଇଥିବା ସେମାନେ ଦାବି କରିଛନ୍ତି ।

# ପରିବେଶ ଦିବସ

ସାରା ବିଶ୍ୱରେ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବରେ ୧୯୭୩ ମସିହାରୁ ପ୍ରତିବର୍ଷ  ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି ।  'ପ୍ରକୃତି ଦ୍ୱାରା ଅନୁପ୍ରାଣିତ-ଜଳବାୟୁ ପାଇଁ, ଆମର ଭବିଷ୍ୟତ ପାଇଁ' ବାର୍ତ୍ତା ନେଇ ଆଜି 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଉଛି।

ବିଶ୍ୱ ପରିବେଶ ଦିବସ ଅବସରରେ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ, ପରିବେଶମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ବାଣିଜ୍ୟମନ୍ତ୍ରୀ ପୀୟୂଷ ଗୋଏଲ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ 'ଏକ ପେଡ୍ ମାଁ କେ ନାମ' ଅଭିଯାନର ସଫଳତା ଉଲ୍ଲେଖ କରି ପରିବେଶ ସୁରକ୍ଷାକୁ ଜନଆନ୍ଦୋଳନରେ ପରିଣତ କରିବାକୁ କହିଛନ୍ତି ।

..........................................................................